# DAV PUBLIC SCHOOL, BHUBANESWAR
## PERIODIC ASSESSMENT-I (2021-22)
## CLASS-VIII
## SUB-ODIA

**TIME:1hr** **F.M.-40**

**୧) ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛ । (୫)**

ମଣିଷର ବ୍ୟବହାର ହିଁ ତାର ପ୍ରକୃତ ପରିଚୟ । ମାର୍ଜିତ ବ୍ୟବହାର ସମ୍ପନ୍ନ ବ୍ୟକ୍ତି ସବୁ କ୍ଷେତ୍ରରେ ଆଦୃତ ଓ ସମ୍ମାନିତ ହୋଇଥାଏ । ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମଣିଷର ମନକୁ ନିୟନ୍ତ୍ରିତ କରି ବ୍ୟବହାରକୁ ଶୃଙ୍ଖଳିତ କରାଇବା । ବିଦ୍ୱାନ ବ୍ୟକ୍ତିଗଣ ,ସର୍ବଦା ଶୁଦ୍ଧ ଓ ଗ୍ରହଣୀୟ ବ୍ୟବହାରକୁ ଗୁରୁତ୍ୱ ଦେଇଥାନ୍ତି । ଯାହା ତୁମ ନିଜକୁ ପସନ୍ଦ ନୁହେଁ,ତାହା ଅନ୍ୟକୁ ପ୍ରଦର୍ଶନ କରିବ କିପରି ? ବ୍ୟବହାରରୁ ଜନ୍ମ ନିଏ ଶିଷ୍ଟାଚାର ଓ ତାହା ବିଶାଳ ରୂପରେ ସଭ୍ୟତାର ନିଦର୍ଶନ ପାଲଟିଯାଏ । ବିଖ୍ୟାତ ଲେଖକ ପ୍ରେମଚାନ୍ଦ ଏକଦା କହିଥିଲେ-"ଯାହାକୁ ବ୍ୟବହାର ଜଣା ନାହିଁ,ତାକୁ ମଣିଷ ରୂପରେ ଗଣ୍ୟ କରାଯାଇପାରିବ ନାହିଁ" । ବ୍ୟବହାର ସମ୍ପର୍କରେ ପରାଜିତ ରାଜା ପୁରୁ ଯେଉଁ ଉତ୍ତର ବିଜୟୀ ରାଜା ଆଲେକଜାଣ୍ଡାରଙ୍କୁ ଦେଇଥିଲେ ,ତାହା ଉଭୟ ଇତିହାସ ଓ କିମ୍ବଦନ୍ତୀ ପାଲଟିଗଲା । ସ୍ୱାଭିମାନୀ ବ୍ୟକ୍ତିମାନେ ଉଚିତ ବ୍ୟବହାରକୁ ମୂଳଧନ ବା ପୁଞ୍ଜି କରି ସମାଜରେ ସମାଦୃତ ହୋଇଥାନ୍ତି । ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ବ୍ୟବହାର ବା ଆଚରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର,ପରିତାପର ବିଷୟ ଆଜିକାଲି ଶିକ୍ଷିତ ସମ୍ପ୍ରଦାୟ ଅନେକ ସ୍ଥଳରେ ଏହାର ମହତ୍ତ୍ୱ ପ୍ରତିପାଦନ କରିବାରେ ବିଫଳ ହେଉଛନ୍ତି । ବ୍ୟବହାର ଭୁଲି ଯାଇ ଉଦ୍ଧତ ବା ଅଶିଷ୍ଟ ପରି ଆଚରଣ ଦେଖାଉଛନ୍ତି ।ଏପରି ସ୍ଥଳେ, ସେମାନଙ୍କୁ ପ୍ରକୃତ ଅର୍ଥରେ ଶିକ୍ଷିତ ବୋଲି ଆମେ କେମିତି କହିପାରିବା ? ବାସ୍ତବରେ ସେମାନେ ଶିକ୍ଷିତ ନୁହନ୍ତି ; ସାକ୍ଷର ମାତ୍ର ।

i) କେଉଁ ବ୍ୟକ୍ତି ସବୁ କ୍ଷେତ୍ରରେ ସମ୍ମାନିତ ହୋଇଥାଏ ?

କ) ଅଶିକ୍ଷିତ ବ୍ୟକ୍ତି ଖ)ଅର୍ଦ୍ଧ ଶିକ୍ଷିତ ବ୍ୟକ୍ତି ଗ) ମାର୍ଜିତ ସମ୍ପର୍ଣ୍ଣ ବ୍ୟକ୍ତି ଘ) ଅଭଦ୍ର ବ୍ୟକ୍ତି

**କ ଠିକ୍ ମାତ୍ର ଖ-ଗ-ଘ ଭୁଲ**

**ଖ-କ-ଘ ଭୁଲ ମାତ୍ର ଗ ଠିକ୍**

**କ-ଖ ଠିକ୍ ମାତ୍ର ଗ-ଘ ଭୁଲ**

**କ-ଖ -ଗ -ଘ ଭିତରୁ କେବଳ ଖ ହିଁ ଠିକ୍**

ii) "ଯାହାକୁ ବ୍ୟବହାର ଜଣା ନାହିଁ,ତାକୁ ମଣିଷ ରୂପରେ ଗଣ୍ୟ କରାଯାଇପାରିବ ନାହିଁ"। ମଣିଷର ବ୍ୟବହାର ସମ୍ପର୍କରେ କିଏ ଏହି କଥା କହିଥିଲେ ?

କ)ଆଲେକଜାଣ୍ଡାର ଖ )ରାଜା ପୁରୁ ଗ )ମହାତ୍ମା ଗାନ୍ଧୀ ଘ )ପ୍ରେମଚାନ୍ଦ

**କ ଠିକ୍ ମାତ୍ର ଖ-ଗ-ଘ ଭୁଲ**

**ଖ-କ-ଘ ଭୁଲ ମାତ୍ର ଗ ଠିକ୍**

**କ-ଖ ଠିକ୍ ମାତ୍ର ଗ-ଘ ଭୁଲ**

**କ-ଖ -ଗ -ଘ ଭିତରୁ କେବଳ ଘ ହିଁ ଠିକ୍**

iii) ଶିକ୍ଷାର ମୂଳ ଉଦ୍ଦେଶ୍ୟଟି କ'ଣ ?

କ)ବ୍ୟବହାରକୁ ନିୟନ୍ତ୍ରଣ କରିବା ଖ)ଅର୍ଥପ୍ରାପ୍ତି କରାଇବା ଗ)ଶିକ୍ଷିତ କରାଇବା ଘ)ସାକ୍ଷର କରାଇବା

**ଖ-ଗ-ଘ ଭୁଲ ମାତ୍ର କ ଠିକ୍**

**କ-ଖ ଠିକ୍ ମାତ୍ର ଗ-ଘ ଭୁଲ**

**କ-ଖ -ଗ -ଘ ଭିତରୁ କେବଳ ଘ ହିଁ ଠିକ୍**

**କ ଠିକ୍ ମାତ୍ର ଖ-ଗ-ଘ ଭୁଲ**

iv) ଗୁରୁକୁଳ ବ୍ୟବସ୍ଥାରେ କେଉଁ ଦିଗପ୍ରତି ଗୁରୁତ୍ୱ ଦିଆଯାଉଥିଲା ?

କ)ଶିକ୍ଷାଦାନ ଖ)ପ୍ରତିଷ୍ଠା ପ୍ରାପ୍ତି ଗ)ଆଚରଣ ଘ)ଗୁରୁଭକ୍ତି

କ-ଘ ଭୁଲ ମାତ୍ର ଖ ଠିକ୍

କ ଠିକ୍ ମାତ୍ର ଖ-ଘ ଭୁଲ

କ-ଖ -ଗ -ଘ ଭିତରୁ କେହି ଠିକ୍ ନୁହେଁ

**ଗ ଠିକ୍ ମାତ୍ର କ-ଖ-ଘ ଭୁଲ**

v) କେଉଁମାନଙ୍କୁ ଶିକ୍ଷିତ କୁହାଯାଇପାରିବ ନାହିଁ ?

ଉଦ୍ଧତ ବା ଅଶିଷ୍ଟ ପରି ଆଚରଣ ଦେଖାଉଥିବା ବ୍ୟକ୍ତି ଶୃଙ୍ଖଳିତ ବ୍ୟକ୍ତି

ସ୍ୱାଭିମାନୀ ବ୍ୟକ୍ତି ମାର୍ଜିତ ବ୍ୟବହାର ସମ୍ପନ୍ନ ବ୍ୟକ୍ତି

**୨)ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ବାଛ । (୫)**

**କ)ଓଡ଼ିଆ ବର୍ଣ୍ଣମାଳାରେ କେତୋଟି ଅବର୍ଗ୍ୟ ବ୍ୟଞ୍ଜନ ରହିଛି?**

ପାଞ୍ଚଟି ଚଉଦଟି ପଚିଶଟି ଏଗାରଟି

**ଖ) ବ୍ୟଞ୍ଜନ ବର୍ଣ୍ଣ କେତେ ପ୍ରକାର?**

ଦୁଇ ପ୍ରକାର ପାଞ୍ଚ ପ୍ରକାର ଚରି ପ୍ରକାର ତିନି ପ୍ରକାର

**ଗ) ଓଡ଼ିଆ ବର୍ଣ୍ଣମାଳାରେ ସ୍ୱର ଧ୍ୱନି କେତୋଟି ରହିଛି?**

ସାତଟି ଆଠଟି ଏଗାରଟି ପାଞ୍ଚଟି

**ଘ)ଢ଼ କେଉଁ ବର୍ଗର ବ୍ୟଞ୍ଜନ?**

କଣ୍ଠ୍ୟ ବର୍ଗ ତାଲବ୍ୟ ବର୍ଗ ମୂର୍ଦ୍ଧଣ୍ୟ ବର୍ଗ ଓଷ୍ଠ୍ୟ ବର୍ଗ

**ଙ) କେଉଁ ବର୍ଣ୍ଣଗୁଡ଼ିକ ଆଶ୍ରିତ ବ୍ୟଞ୍ଜନ?**

କ୍, ଖ୍,ଗ୍ ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ ତ୍,ଥ୍,ଦ୍ ବ୍,ଭ୍,ମ୍

୩) **ନିମ୍ନଲିଖିତ ଶବ୍ଦଗୁଡ଼ିକର ତତ୍ସମ/ ତଦ୍ଭବ ରୂପ ବିକଳ୍ପ ମଧ୍ୟରୁ ବାଛ । (୩)**

**i)ଭଉଣୀ**

ଭଗିନି ଭଗୀନି ଭଗିନୀ ଭଗୀନୀ

**ii)ମାଟି**

ମୃତ୍ତିକା ମୁତ୍ତିକା ମୃତିକା ମୃତ୍ତୀକା

**iii)ଶ୍ମଶାନ**

ମସାଣି ମଶାଣି ମଶାଣୀ ମସାଣୀ

**୪) ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ବାଛ । (୪)**

**କ ) ବ୍ୟାକରଣରେ ପୁରୁଷ କେତେ ପ୍ରକାର?**

ତିନି ପ୍ରକାର ଦୁଇ ପ୍ରକାର ଏକ ପ୍ରକାର ଚାରି ପ୍ରକାର

**ଖ) ଆପଣଙ୍କ ଲେଖାଟି ମୋତେ ଭଲ ଲାଗିଲା- ଆପଣ କେଉଁ ପୁରୁଷ?**

ପ୍ରଥମ ପୁରୁଷ ଦ୍ୱିତୀୟ ପୁରୁଷ ତୃତୀୟ ପୁରୁଷ ମଧ୍ୟମ ପୁରୁଷ

**ଗ) ଶିବର ଲିଙ୍ଗ ପରିବର୍ତ୍ତନ କର ।**

ଶୀବି ଶୀବି ଶିବାନୀ ଶୀବାଣୀ

**ଘ) ବାଲ୍ମୀକି ରାମାୟଣ ରଚନା କରିଥିଲେ- ଏହି ବାକ୍ୟରେ ବାଲ୍ମୀକି କେଉଁ ପୁରୁଷ?**

ପ୍ରଥମ ପୁରୁଷ ଦ୍ୱିତୀୟ ପୁରୁଷ ତୃତୀୟ ପୁରୁଷ ମଧ୍ୟମ ପୁରୁଷ

**୫)ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛି ଲେଖ । (୧୦)**

**କ) ବୃକ୍ଷ ମାହାତ୍ମ୍ୟ କବିତାରେ ରାମ ବୋଲି କାହାକୁ କୁହାଯାଇଛି?**

ଶ୍ରୀକୃଷ୍ଣଙ୍କୁ ବଳରାମଙ୍କୁ ଶ୍ରୀରାମଙ୍କୁ ପର୍ଶୁରାମଙ୍କୁ

**ଖ) ଗୋପାଳ ବାଳକମାନଙ୍କ ସହ ଶ୍ରୀକୃଷ୍ଣ କେଉଁ ନଦୀ କୂଳରେ ଉପସ୍ଥିତ ହେଲେ?**

ଯମୁନା ଗଙ୍ଗା ଗୋଦାବରୀ ତମସା

**ଗ) ସଂସ୍କୃତ ଭାଗବତ କିଏ ରଚନା କରିଥିଲେ?**

ବାଲ୍ମୀକି ବଳରାମ ଦାସ ଜଗନ୍ନାଥ ଦାସ ବ୍ୟାସଦେବ

**ଘ) ସୁଜନ ପ୍ରାଣୀଙ୍କ ବ୍ୟବହାର କିପରି?**

ପରୋପକାର କରିବା ପରଧନ ହରଣ କରିବା ଅନ୍ୟକୁ ଅପମାନିତ କରିବା ପ୍ରତିହିଂସା ପରାୟଣ ହେବା

**ଙ) ପ୍ରଦତ୍ତ ଗ୍ରନ୍ଥଗୁଡ଼ିକ ମଧ୍ୟରୁ କେଉଁଟି ଜଗନ୍ନାଥ ଦାସଙ୍କ ରଚନା ନୁହେଁ?**

ତୁଳାଭିଣା ଅର୍ଥକୋଇଲି ଲକ୍ଷ୍ମୀପୁରାଣ ମୃଗୁଣୀ ସ୍ତୁତି

**ଚ) ଗୋପବାଳକମାନେ ଦୁଃଖ ଅନୁଭବ କରୁଥିଲେ କାହିଁକି?**

କଂସର ଅତ୍ୟାଚାର ହେତୁ କାଳିନ୍ଦୀରେ ବାସ କରୁଥିବା କାଳୀୟ ନାଗ ପାଇଁ

ଗୋପନାରୀମାନଙ୍କ ପାଇଁ ସୂର୍ଯ୍ୟଙ୍କ ଅସହ୍ୟ କିରଣ ପାଇଁ

**ଛ) କେଉଁମାନଙ୍କ ଆଗରେ କୃଷ୍ଣ ବୃକ୍ଷର ମହିମା କଥା କହୁଥିଲେ?**

ଗୋପବାସୀଙ୍କ ଆଗରେ ଗୋପନାରୀଙ୍କ ଆଗରେ

ପାଣ୍ଡବମାନଙ୍କ ଆଗରେ ଗୋଚାରଣ ପାଇଁ ଯାଇଥିବା ଗୋପବାଳକମାନଙ୍କ ଆଗରେ

**ଜ) ଦାମ ଶବ୍ଦର ଅର୍ଥ କଅଣ?**

ଲବଣୀ ସାପ ଦଉଡ଼ି ଶରୀର

**ଝ) ବୃକ୍ଷମାନଙ୍କର ଜୀବନ ଧନ୍ୟ କାହିଁକି?**

ଖରା, ବର୍ଷା, ଶୀତ ସହୁଥିବାରୁ ମାଟିକୁ ଧରି ରଖିଥିବାରୁ

ବୃକ୍ଷରେ ଅନେକ ପଶୁପକ୍ଷୀ ବାସ କରୁଥିବାରୁ ପ୍ରାଣୀମାନଙ୍କ ଜୀବିକା ଧାରଣର ପନ୍ଥା ହୋଇଥିବାରୁ

**ଞ) କେଉଁମାନଙ୍କର ଜୀବନ ଇହ ଓ ପରଲୋକରେ ଧନ୍ୟ ହୋଇଥାଏ?**

ବୃକ୍ଷମାନଙ୍କର ଜୀବନ କବିଙ୍କ ଜୀବନ

କୃଷ୍ଣଙ୍କ ସଖାମାନଙ୍କ ଜୀବନ ମନ,ବଚନ, ଧନ ଦ୍ୱାରା ଅନ୍ୟର ଉପକାର କରୁଥିବା ବ୍ୟକ୍ତିର ଜୀବନ

**୬)ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛି ଲେଖ । (୮)**

**କ) ଉଦୟନାଥ ଷଡ଼ଙ୍ଗୀଙ୍କର ଆତ୍ମଜୀବନୀର ନାମ କଅଣ ?**

ମୋ ବାରବୁଲା ଜୀବନ ଗାନ୍ଧି ମହାରାଜାଙ୍କ ଶିଷ୍ୟ

ଚରାଚର ହିତାୟ ଅମୃତ ଅନୁଭବ

**ଖ) ଲେଖକ ଉଦୟନାଥ ଷଡ଼ଙ୍ଗୀ କେଉଁ ବିଦ୍ୟାଳୟର ଛାତ୍ର ଥିଲେ?**

ରେଭେନ୍ସା କଲିଏଟ୍ ସ୍କୁଲ ଯୁବରାଜ ହାଇସ୍କୁଲ

ସତ୍ୟବାଦୀ ବନ ବିଦ୍ୟାଳୟ ପ୍ୟାରୀମୋହନ ଏକାଡେମୀ

**ଗ) ଲେଖକଙ୍କ ବୋଉ ମଫସଲି ମହିଳା ହେଲେ ମଧ ତାଙ୍କର କେଉଁ ବିଶେଷତ୍ୱ ଥିଲା ?**

ଘରକରଣା ବୁଦ୍ଧି ସେବା ପରାୟଣତା ପୁରାଣ ପଠନ ସ୍ମରଣ ଶକ୍ତି

**ଘ)ନିମ୍ନଲିଖିତ ପୁସ୍ତକ ମଧ୍ୟରୁ କେଉଁଟି ଉଦୟନାଥ ଷଡ଼ଙ୍ଗୀଙ୍କର ରଚନା ନୁହେଁ?**

ଜହ୍ନମାମୁ ଆମ ଗ୍ରହ ଉପଗ୍ରହ ଚୁଉକୁମୂଷି ଶିଶୁଲେଖା

**ଙ) ପୁରୀରେ ବାରମ୍ବାର ହଇଜା ଦେଖା ଯାଉଥିଲା କାହିଁକି ?**

ଲୋକଙ୍କର ଅନ୍ଧ ବିଶ୍ବାସ ଯୋଗୁଁ      ଲକ୍ଷ ଲକ୍ଷ ଲୋକଙ୍କର ସମାଗମ ହେତୁ

ଡାକ୍ତରୀ ଚିକିତ୍ସାର ଅଭାବରୁ      କେଉଁ ଅଜଣା କାରଣରୁ

**ଚ) ସତ୍ୟବାଦୀ ବିଦ୍ୟାଳୟରେ ରୋଗୀ ସେବା ପାଠର ଏକ ଅଙ୍ଗ ଥିଲା କାହିଁକି ?**

ପିତାମାତାଙ୍କୁ ସନ୍ତୁଷ୍ଟ କରିବା ପାଇଁ,      ପିଲାମାନଙ୍କୁ ଭବିଷ୍ୟତରେ ଡାକ୍ତର କରିବା ପାଇଁ,

ପିଲାମାନଙ୍କ ରୁଚିକୁ ସମ୍ମାନ ଦେବା ପାଇଁ,      ପିଲାମାନଙ୍କ ମଧ୍ୟରେ ସେବା ମନୋବୃତ୍ତି  ସୃଷ୍ଟି କରିବା ପାଇଁ

**ଛ)ବୈଦ୍ୟ ଗୋଡ଼ର କଟାଘାଆ ଶୁଖାଇବା ପାଇଁ କେଉଁ ଜିନିଷର ବ୍ୟବହାର କରୁଥିଲେ?**

ତୁଳସୀ ପତ୍ର    ବିଶଲ୍ୟକରଣି    ନିମ୍ବଗଛ ଛାଲି    ଦୂବଘାସ

**ଜ) ବାପାଙ୍କ ମୃତ୍ୟୁର କେତେ ବର୍ଷ ପରେ ଲେଖକ ଉଦୟନାଥ ଷଡ଼ଙ୍ଗୀଙ୍କ ମାଆ ମୃତ୍ୟୁ ବରଣ କରିଥିଲେ?**

ପାଞ୍ଚ ବର୍ଷ ପରେ    ଦୁଇ ବର୍ଷ ପରେ    ଚାରି ବର୍ଷ ପରେ    ଦଶ ବର୍ଷ ପରେ

**୭)ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ବିକଳ୍ପ ମଧ୍ୟରୁ ବାଛି ଲେଖ । (୫)**

**କ) ଫକୀରମୋହନ ସେନାପତି କେତୋଟି ଉପନ୍ୟାସ ରଚନା କରିଥିଲେ?**

କୋଡ଼ିଏଟି    ଏକୋଇଶଟି    ବାରଟି    ଚାରିଟି

**ଖ)ହରି ସିଂ ମାସକୁ କେତେ ଟଙ୍କା ଦରମା ପାଉଥିଲେ?**

ନବେ ଟଙ୍କା    ନଅଶହ ଟଙ୍କା    ନ ହଜାର ଟଙ୍କା    ନ ଟଙ୍କା

**ଗ) କେଉଁ ରୋଗରେ ହରି ସିଂଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା?**

ସନ୍ନିପାତ ରୋଗ    ମଧୁମେହ ରୋଗ    କାମଳ ରୋଗ    ଧନୁଷ୍ଟଙ୍କାର ରୋଗ

**ଘ) ଫକୀରମୋହନ ସେନାପତି କେଉଁ ବିଶେଷ ଦିନରେ ଜନ୍ମ ଗ୍ରହଣ କରିଥିଲେ?**

ମକର ସଂକ୍ରାନ୍ତି    ରଜ ସଂକ୍ରାନ୍ତି    ଧନୁ ସଂକ୍ରାନ୍ତି    ପଣା ସଂକ୍ରାନ୍ତି

**ଙ) ଗୋପାଳ କେଉଁଠାରେ ସବ୍-ପୋଷ୍ଟମାଷ୍ଟର ଭାବେ ନିଯୁକ୍ତି ପାଇଲା?**

ବଳରାମପୁର    ମଲ୍ଲିକାଶପୁର    ମକ୍ରାମପୁର    ବେନ୍ତପୁର